# ଲକ୍ ଡାଉନ୍ ସମୟରେ ଢେଙ୍କାନାଳ ଜିଲ୍ଲାବାସୀ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳଙ୍କ ନିବେଦନ ।

ଢେଙ୍କାନାଳ, ତା. ୨୬.୦୩.୨୦୨୦-

ଢେଙ୍କାନାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ସଂପ୍ରତି କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଢେଙ୍କାନାଳ ସହରକୁ ଲକ୍ ଡାଉନ୍ ଘୋଷଣା କରାଯାଇଛି । ଏହି ଲକ୍ ଡାଉନ୍‌ର ତୃତୀୟ ଦିବସରେ ପୋଲିସ୍ ପ୍ରଶାସନ ପକ୍ଷରୁ କଡାକଡି ଭାବରେ ଯାଂଚ ପ୍ରକ୍ରିୟା ଜାରି ରହିଛି ଏବଂ ଜରୁରୀ କାର୍ଯ୍ୟ ବ୍ୟତୀତ ସର୍ବସାଧାରଣଙ୍କ ଯାତାୟତ ଉପରେ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ପରିସ୍ଥିତିରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ପ୍ରତିଦିନ ସକାଳ ୭ ଟା ରୁ ୧୦ ଟା ଏବଂ ଅପରାହ୍ଣ ୪ଟା ରୁ ୬ ଟା ପର୍ଯ୍ୟନ୍ତ ଖୋଲା ରହିବ । ଜନ ଗହଳିକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା ନିମନ୍ତେ ଅଳସୁଆ ହାଟ ଏବଂ ବି.ବି. ହାଇ ସ୍କୁଲ ଖେଳ ପଡିଆ ମଧ୍ୟରେ ପନିପରିବା ବିକ୍ରି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏଣୁ କୌଣସି ଗୋଟିଏ ସ୍ଥାନରେ କିଣାକିଣି କରିବା ପାଇଁ ଗହଳି କରନ୍ତୁ ନାହିଁ । ନିଜ ନିଜ ଭିତରେ ୨ ମିଟର ବ୍ୟବଧାନ ବଜାୟ ରଖନ୍ତୁ । ପ୍ରଶାସନ ନିକଟରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ଅଛି । ଏଣୁ କୌଣସି ପ୍ରକାର ଭୟଭୀତ ନ ହୋଇ ଆବଶ୍ୟକତା ଠାରୁ ଅଧିକ ସାମଗ୍ରୀ କିଣନ୍ତୁ ନାହିଁ । ଯଥା ସମ୍ଭବ କୌଣସି ଯାନବାହନ ବ୍ୟବହାର ନ କରି ଚାଲି ଚାଲି ଯାତାୟତ କରନ୍ତୁ । ନିହାତି ଆବଶ୍ୟକ ନ ଥିଲେ, କଦାପି ଘରୁ ନ ବାହାରିବାକୁ, ସାମାଜିକ ଦୂରତା ରକ୍ଷା କରିବାକୁ, ସଫା ସୁତୁରା ପାଇଁ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ନିବେଦନ କରାଯାଉଛି । କୌଣସି ବ୍ୟକ୍ତି ବିଶେଷ ଏବଂ ବ୍ୟବସାୟୀ ଏହି ନିର୍ଦ୍ଦେଶ ଗୁଡିକୁ ଖିଲାପ କଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲାବାସୀମାନଙ୍କୁ ନିବେଦନ କରାଯାଉଛି ।

**॥ ହାତ ଧୁଅନ୍ତୁ, ସୁସ୍ଥ ରୁହନ୍ତୁ ॥**

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ସଂ. ୩୪୭ ତା. ୨୬/୦୩/୨୦୨୦.

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ଢେଙ୍କାନାଳ